Click Here & Upgrade
Expanded Features
Unlimited Pages
PDF Complete Documents



୧୯୩୧ ମସିହା ସେପ୍ଟେମ୍ବର ମାସରେ ଇଂରେଜ ସରକାର ସାର୍ ସାମୁଏଲ୍ ଓଡନେଲଙ୍କ ଅଧକ୍ଷତାରେ ଏକ ତିନି ଜଣିଆ ସୀମା ନିର୍ଦ୍ଧାରଣ କମିଟି ନିଯୁକ୍ତି କରିଥିଲେ ।

୧୯୩୩ ମସିହା ମାର୍ଚ୍ଚ ମାସରେ ଇଂରେଜ ସରକାର ଯେଉଁ ଶ୍ୱେତପତ୍ର ବାହାର କରିଥିଲେ, ସେଥିରେ ଓଡିଶା ଏକ ରାଜ୍ୟପାଳ ଶାସିତ ପୂର୍ଣ୍ଣାଙ୍ଗ ପ୍ରଦେଶ ହେବ ବୋଲି ଉଲ୍ଲେଖ କରାଯାଇଥିଲା ।

୧୯୩୫ ମସିହାର ଭାରତ ଶାସନ ଆଇନରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବା ପାଇଁ ବ୍ୟବସ୍ଥା କରାଗଲା ।

ଏହି ଆଦେଶନାମା ଅନୁସାରେ ୧୯୩୬ ମସିହା ଏପ୍ରିଲ ପହିଲାରେ ନୂତନ ଓଡିଶା ପ୍ରଦେଶ ଜନ୍ମଲାଭ କଲା । ସେହିଦିନ ଓଡିଶାର ପ୍ରାଚୀନତମ ମହାବିଦ୍ୟାଳୟ ରେଭେନ୍ସା କଲେଜ ହଲରେ ସାର୍ ଜନ୍ ହଷ୍ଟିନ୍ ହବାକ୍ ଓଡିଶାର ପ୍ରଥମ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଥିଲେ ।

୧୯୩୯ ସାଲ ସେପ୍ଟେମ୍ବର ମାସରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗିଲା । ୧୯୪୦ ନଭେମ୍ବର ମାସରେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶରେ କଂଗ୍ରେସ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କଲା । ୧୯୪୨ ମସିହା ଅଗଷ୍ଟ ମାସରେ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହେଲା । ସମଗ୍ର ଦେଶରେ କଂଗ୍ରେସର ପ୍ରଧାନ ବ୍ୟକ୍ତିମାନଙ୍କୁ ବନ୍ଦୀ କରାଗଲା । ନିରସ୍ତ୍ର ଜନତା ତା'ର ସମସ୍ତ ଶକ୍ତି ଖଟାଇ ଇଂରେଜ ଶାସନର ପ୍ରତିରୋଧ କଲା । ଏହି ଆନ୍ଦୋଳନରେ ଓଡିଶା ମଧ୍ୟ ବ୍ରିଟିଶ ଶାସନ ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲା । ଏହି ବିଦ୍ରୋହକ୍ରମେ ତୀବ୍ରରୁ ତୀବ୍ରତର ହେଲା- ଯାହାର ଫଳସ୍ୱରୂପ ଭାରତ ଦେଖିଲା ସ୍ୱାଧୀନତାର ସୂର୍ଯ୍ୟ । ସ୍ୱାଧୀନତାର ଏହି ସୂର୍ଯ୍ୟାଲୋକକୁ ଦେଖିବାକୁ ଓଡିଶା ଯେଉଁ ତ୍ୟାଗ ଅଜାଡି ଦେଇଥିଲା, ସେଥିପାଇଁ ସମଗ୍ର ଓଡିଶାବାସୀ ଆଜି ଗର୍ବିତ ।

ଅଧୀକ୍ଷକ
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର

---

# ଗାନ୍ଧୀ ମନ୍ତର

ଓମ୍ ପ୍ରକାଶ ମହାପାତ୍ର



ସତ୍ୟ ଅହିଂସା ସ୍ୱଦେଶୀ ଗାନ୍ଧୀ ମନ୍ତର
ଅମୋଘ ଅସ୍ତ୍ର, ଭାଙ୍ଗିଥିଲା ଦମ୍ଭ ଫିରିଙ୍ଗିର
ଦେଇଥିଲା ସ୍ୱାଧୀନତା ପରାଧୀନ ଭାରତର
ଅନାଦରେ ଉଠିଯିବାକୁ ହେଉଛି ତରତର ।

ଏ ଏକ ଅବ୍ୟର୍ଥ ଔଷଧ ପରାଧୀନ ବ୍ୟାଧିର
ସରିଛି ତାହାର ପରୀକ୍ଷା ପରାକ୍ରମ ବହୁବାର
ହେ ଭବିଷ୍ୟ ବଂଶଧର ତାକୁ ନକର ଅନାଦର
ଏ ମନ୍ତର ନୁହଁ କାହାର ଆମ ବାପୁର ।

ହିଂସାର ଜବାବ ହିଂସାରେ ତୁଟେନା ବିବାଦ
ଅହିଂସା ଅସ୍ତ୍ରେ ଗାନ୍ଧୀ ଭାରତେ ଜିନ୍ଦାବାଦ
ପୋଛି ତ ପାରିବ ଏ ଦେଶୁ ହିଂସା ଆତଙ୍କବାଦ
ତୁମେ ପରା କୁହ ତାଙ୍କ ଏକନିଷ୍ଠ ସଚ୍ଚା ଦାୟାଦ ।

ସତ୍ୟ କାଳଜୟୀ ମିଥ୍ୟା ହୁଏ ଧରାଶାୟୀ ପରାଜୟ ନେଇ
ସତ୍ୟର ଜୟ, ପାପର କ୍ଷୟ, ଗୀତା ଭାଗବତ କହଇ
ସତ୍ୟ ପଥେ ଯାଇ ସତ୍ୟର ପୂଜାରୀ ହୋଇ
ସୁନାର ଭାରତ ଗଢ଼ି ତୋଳ ଆମ କୁନା କୁନି ଭାଇ ।

କାଟିକୁଟି ଖାଇ ପ୍ରକୃତି କୋଳେ ଜୀବନ ବଢ଼ିଥାଇ
ବିଦେଶୀ ବିଲାତି ଆଡ଼ାଚଉଡ଼ା ଆଖଡ଼ା ଝଡ଼ି ପଡ଼ଇ
ଟେକା ପାଣିଦିଏ ଫସଲେ ଧୋକା ଛାଡ଼ି ଚାଲିଯାଏ ଏକା ଏକା
ଗାନ୍ଧୀ ଟୋପି ହଜିଛି କାହିଁ ମୁଣ୍ଡେ ଦିଶୁନି ତ ଠେକା ।

ଦାରିଦ୍ର୍ୟ ବେକାରୀ ଜାତୀୟ ସଂହତିରେ ଭୟଭ୍ରାନ୍ତି
ଧର୍ମ ରାଜନୀତି ସ୍ୱଜନେ ପୀରତି, ଦୁର୍ନୀତି
ଭାଙ୍ଗୁଛି ନିକିତି ସ୍ୱାଧୀନ ଗଣତନ୍ତ୍ରେ କରୁଛି କ୍ଷତି
ଶିଶୁ ଭବିଷ୍ୟତ ଆମ ଆଶା ଭରସାର ଆରତୀ ।

ଅଗଷ୍ଟ ପନ୍ଦରେ ସ୍ୱାଧୀନ ଭାରତେ ଗାଇ ତ୍ରିରଙ୍ଗା ଗୀତି
ବିଶ୍ୱ ଦରବାରେ ଗଢ଼ିବ ସେ ସୁନାର ଭାରତ ଛାଡ଼ି ଭୟଭୀତି ।

ଉପଶାସନ ସଚିବ
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର